# NATIONAL NEWS BULLETIN (ODIA)

## 18 December - 2024

### Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ହାଇଦ୍ରାବାଦସ୍ଥିତ ରାଷ୍ଟ୍ରପତି ନିଳୟମଠାରେ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଅଧିକ ତର୍ଜମା ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଗଲା 'ଏକ ଦେଶ ଏକ ନିର୍ବାଚନ' ସଂପର୍କିତ ଦୁଇଟିଯାକ ବିଲ୍
- ବେଜିଂ ଠାରେ ଆଜି ଭାରତ-ଚୀନ୍ ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ଆଲୋଚନା
- ଆସନ୍ତାମାସରୁ ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟଙ୍କୁ ମିଳିବ ନିଃଶୁଳ୍କ ଭିସା

ଏବଂ

- ଗାବା କ୍ରିକେଟ୍ ଟେଷ୍ଟର ଭାରତ ପ୍ରଥମ ଇନିଂସରେ ସଂଗ୍ରହ କରିଛି ୨୬୦ ରନ୍

## ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହାଇଦ୍ରାବାଦସ୍ଥିତ ରାଷ୍ଟ୍ରପତି ନିୟଲମ୍ ଠାରେ  ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ୨୦୨୨ରେ ପଦଭାର ଗ୍ରହଣ କରିବା ପରେ ରାଷ୍ଟ୍ରପତି ମୁର୍ମୁଙ୍କର ଏହା ହେଉଛି ତୃତୀୟ ହାଇଦ୍ରାବାଦ ଗସ୍ତ । ଗତକାଲି ହାଇଦ୍ରାବାଦ ଉପକଣ୍ଠ ବୋଲାରୁମ୍ ସ୍ଥିତ ରାଷ୍ଟ୍ରପତି ନିଳୟମଠାରେ ସେ ପହଞ୍ଚିଥିଲେ । ଏହା ପୂର୍ବରୁ ହାକିମପେଟ ବାୟୁସେନା ଘାଟୀଠାରେ ରାଷ୍ଟ୍ରପତିଙ୍କୁ ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁଦେବ ବର୍ମା, ମୁଖ୍ୟମନ୍ତ୍ରୀ ଏ.ରେବନ୍ତ ରେଡ୍ଡୀ ପ୍ରମୁଖ ସ୍ୱାଗତ କରିଥିଲେ । ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରପତି ସିକନ୍ଦରାବାଦସ୍ଥିତ କଲେଜ ଅଫ୍ ଡିଫେନ୍ସ ମ୍ୟାନେଜ୍ମେଣ୍ଟର ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତି ନିଳୟମ୍ଠାରେ ରାଷ୍ଟ୍ରପତି ସେହିଦିନ  ବିଶିଷ୍ଟ ବ୍ୟକ୍ତି, ଅଗ୍ରଣୀ ନାଗରିକ ଏବଂ ଶିକ୍ଷାବିତ୍ଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

## ଓ୍ୱାନ୍ ଇଲେକ୍ସନ-ଜେପିସି

ଏକ ଦେଶ ଏକ ନିର୍ବାଚନ ସଂପର୍କିତ ଦୁଇଟିଯାକ ବିଲ୍‌କୁ ଅଧିକ ବିଚାର ବିମର୍ଶ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଲୋକସଭାରେ ଏହି ବିଲ୍ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଲ୍‌କୁ ଅଧିକ ଯାଞ୍ଚ

ପାଇଁ ଜେପିସି କୁ ପଠାଇବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବିଲ୍ ଉପରେ ପ୍ରତ୍ୟେକ ସ୍ତରରେ ଆଲୋଚନା ହେବା ଉଚିତ ।

ସୂଚନାଯୋଗ୍ୟ, ଲୋକସଭାରେ ଗତକାଲି ଏକ ଦେଶ, ଏକ ନିର୍ବାଚନ ସମ୍ବନ୍ଧିୟ ଦୁଇଟି ବିଲ୍ ଆଗତ ହୋଇଥିଲା । ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ସମ୍ବିଧାନ ୧୨୯ତମ ସଂଶୋଧନ ବିଲ୍ ୨୦୨୪ ଏବଂ କେନ୍ଦ୍ର ଶାସିତ ଆଞ୍ଚଳ ଆଇନ୍ ସଂଶୋଧନ ବିଲ୍ ୨୦୨୪ ଗୃହରେ ଆଗତ କରିବାକୁ ପ୍ରସ୍ତାବ ଦେଇଥିଲେ । ବିରୋଧୀଗୁଡ଼ିକ ଦଳ ପକ୍ଷରୁ ବିଲ୍ ଆଗତ ପାଇଁ ଭୋଟ୍ କରାଯିବାକୁ ଦାବି କରାଯାଇଥିଲା । ଏଥିପାଇଁ ନିଆଯାଇଥିବା ଭୋଟ୍‌ରେ ବିଲ୍ ଆଗତ ସପକ୍ଷରେ ୨୬୯ ଏବଂ ବିପକ୍ଷରେ ୧୯୮ ଜଣ ସଦସ୍ୟ ଭୋଟ୍ ଦେଇଥିଲେ ।

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଲ୍‌ଗୁଡ଼ିକୁ ଅଧିକ ଯାଞ୍ଚ୍ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପାଇଁ ଦାବି କରାଯାଇଥିଲା । ଆଇନ୍ ମନ୍ତ୍ରୀ ଶ୍ରୀ ମେଘୱାଲ୍ କହିଥିଲେ, ସମ୍ବିଧାନର ସଂଘୀୟ ଢାଞ୍ଚାକୁ କେହି ବଦଳାଇ ଦେଇପାରିବେ ନାହିଁ ।  ତେବେ ବିଲ୍ ଦୁଇଟିକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ସମ୍ପର୍କିତ ପ୍ରସ୍ତାବ ସପକ୍ଷରେ ମଧ୍ୟ ସେ ମତ ଦେଇଥିଲେ ।

ଜେପିସି ହେଉଛି ସଂସଦ ଦ୍ୱାରା ଗଠିତ ଏକ କମିଟି, ଯାହା ନିର୍ଦ୍ଦିଷ୍ଟ ବିଲ୍ ଉପରେ ସଂପୂର୍ଣ୍ଣ ବିଚାର ବିମର୍ଶ କରି  ସୁପାରିଶ କରିଥାଏ । ଏହି

କମିଟିରେ ଉଭୟ ଗୃହର ଶାସକ ଓ ବିରୋଧୀ ଦଳର ପ୍ରତିନିଧି ସଦସ୍ୟ ଭାବେ ରହିଥାନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୭ତମ ସଂସ୍କରଣ ହେବ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଆସନ୍ତା ୨୭ ତାରିଖ ସୁଦ୍ଧା ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଡୋଭାଲ୍-ଚୀନ୍ ଟକ୍ସ

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଆଜି ବେଜିଂ ଠାରେ ଭାରତ-ଚୀନ ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ଆଲୋଚନାରେ ଅଂଶ ଗ୍ରହଣ କରିବେ । ପୂର୍ବ ଲଦାଖରେ ଉଭୟ ଦେଶ ମଧ୍ୟରେ ସାମରିକ ବିବାଦ ଯୋଗୁଁ ଦୀର୍ଘ ୪ ବର୍ଷ ଧରି ଦ୍ୱିପାକ୍ଷିକ ସଂପର୍କରେ ତିକ୍ତତା ଆସିଥିଲା । ଏଥିରେ ସୁଧାର ଆଣିବା ପାଇଁ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାପଡ଼ିଛି । ଦୁଇପକ୍ଷ ମଧ୍ୟରେ ଏହି ୨୩ତମ ପର୍ଯ୍ୟାୟ ଆଲୋଚନାରେ ଶ୍ରୀ ଡୋଭାଲ୍ ତାଙ୍କର ଚୀନ୍ ପ୍ରତିପକ୍ଷ ତଥା ବୈଦେଶିକ ମନ୍ତ୍ରୀ ୟାଙ୍ଗ ୟି ଙ୍କ ସହ କଥାବାର୍ତ୍ତା କରିବେ । ଗତ ଅକ୍ଟୋବର ୨୧ ତାରିଖରେ ପୂର୍ବ ଲଦାଖରୁ ସେନା ପ୍ରତ୍ୟାହାର ଏବଂ ପାଟ୍ରୋଲିଂ ଚୁକ୍ତି ପରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଏହି ବୈଠକରେ ଆଲୋଚନା କରାଯିବାର ସମ୍ଭାବନା ରହିଛି ।

## ଧର୍ମେନ୍ଦ୍ର-ଏନ୍‌ଟିଏ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆସନ୍ତାବର୍ଷଠାରୁ ଏନ୍‌ଟିଏ' ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କେବଳ ପ୍ରତିଯୋଗିତା ମୂଳକ ପ୍ରବେଶିକା ପରୀକ୍ଷା ଆୟୋଜନ କରିବ । କୌଣସି ନିଯୁକ୍ତି ପରୀକ୍ଷା ଏନ୍‌ଟିଏ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ତ୍ରୁଟିଶୂନ୍ୟ ପରୀକ୍ଷା ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି

ନିଆଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ମେଡ଼ିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ପ୍ରଶ୍ନ ଏବଂ ଉତ୍ତରପତ୍ର କିମ୍ବା ଅନ୍‌ଲାଇନ ମାଧ୍ୟମରେ ହେବ, ସେ ନେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଚାର ବିମର୍ଶ କରୁଛନ୍ତି । ତିନି ସପ୍ତାହ ମଧ୍ୟରେ ଏଥିପାଇଁ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ସେ କହିଛନ୍ତି ସିୟୁଇଟି-ୟୁଜି ପରୀକ୍ଷା ବର୍ଷକୁ ଥରେ ଅନୁଷ୍ଠିତ ହେବ । ପରୀକ୍ଷାକୁ ନିରପେକ୍ଷ ଏବଂ ସ୍ୱଚ୍ଛ ମାଧ୍ୟମରେ ପରିଚାଳନା କରିବା ଲକ୍ଷ୍ୟରେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ.ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତରେ ଗଠିତ କମିଟିର ସୁପାରିଶ ସଂପର୍କରେ ଗତକାଲି ନୂଆଦିଲ୍ଲୀଠାରେ ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ ।

## ଶ୍ରୀଲଙ୍କା ଭିସା

ଆସନ୍ତା ମାସରୁ ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟଙ୍କୁ ମାଗଣା ଭିସା ପ୍ରଦାନ କରାଯିବ ବୋଲି ଶ୍ରୀଲଙ୍କାର ବୈଦେଶିକମନ୍ତ୍ରୀ ବିଜିତା ହେରାଥ କହିଛନ୍ତି । ନୂଆଦିଲ୍ଲୀରେ ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ହେରାଥ ଯୋଗଦେଇ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଆସନ୍ତାମାସରେ ଏଥିପାଇଁ ସଂସଦୀୟ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ । ଏଥିରେ ଭାରତ ସମେତ ୩୯ଟି ଦେଶର ନାଗରିକଙ୍କ ପାଇଁ ନିଃଶୁଳ୍କ ଭିସା ପ୍ରଦାନର ବ୍ୟବସ୍ଥା ରହିବ । ଶ୍ରୀଲଙ୍କା ନାଗରିକଙ୍କୁ ମଧ୍ୟ ଭାରତ ସମାନ ସୁବିଧା ପ୍ରଦାନ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

ସେ କହିଛନ୍ତି ଅର୍ଥନୈତିକ କାର୍ଯ୍ୟକଳାପ, ସାଂସ୍କୃତିକ ସଂପର୍କ ଏବଂ ବିକାଶ କ୍ଷେତ୍ରରେ ସହଭାଗିତା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିପାରିବ । ଶ୍ରୀଲଙ୍କାକୁ ଭାରତରୁ ସର୍ବାଧିକ ପର୍ଯ୍ୟଟକ ଯାଇଥାନ୍ତି ବୋଲି ମନ୍ତ୍ରୀ ହେରାଥ କହିଛନ୍ତି ।

ସୂଚନାଯୋଗ୍ୟ ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶା ନାୟକେଙ୍କ ସହ ବୈଦେଶିକ ମନ୍ତ୍ରୀ ବିଜିତା ହେରାଥ ଭାରତ ଗସ୍ତରେ ଆସିଥିଲେ ।

# ହମାସ ସିଜ୍ ଫାୟାର

କାତାରରେ ଯୁଦ୍ଧ ବିରତି ଏବଂ ପଣବନ୍ଦୀ ବିନିମୟ ନେଇ ହୋଇଥିବା ଆଲୋଚନା ସକାରାତ୍ମକ ଥିଲା । ଏକ ବିବୃତିରେ ପାଲେଷ୍ଟାଇଲନ୍ ଇସ୍‌ଲାମିକ ସଂଗଠନ-ହମାସ୍ କହିଛି କାତାର ଏବଂ ଇଜିପ୍ଟର ତତ୍ତ୍ୱାବଧାନରେ ଦୋହାରେ ଇସ୍ରାଏଲ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଚାଲିଥିବା ଆଲୋଚନା ଏକ ଫଳପ୍ରଦ ସ୍ଥିତିରେ ପହଞ୍ଚିବାର ସମ୍ଭାବନା ରହିଛି । ଅସ୍ତ୍ରବିରତି ଏବଂ ପଣବନ୍ଦୀ ବିନିମୟ ନେଇ ଦୁଇଦେଶ ମଧ୍ୟରେ ଚୁକ୍ତି ହୋଇପାରେ ବୋଲି ହମାସ ସୂଚନା ଦେଇଛି ।

ସୂଚନାଯୋଗ୍ୟ ଏହି ଆଲୋଚନାରେ ଅଂଶ ଗ୍ରହଣ କରିବା ପାଇଁ ଇସ୍ରାଏଲ୍‌ର ଏକ ପ୍ରତିନିଧି ମଣ୍ଡଳୀ ଦୋହାରେ ପହଞ୍ଚିଥିଲେ । ଇସ୍ରାଏଲ୍‌ର

ମୋଷାଦ ଗୁଇନ୍ଦା ଏଜେନ୍ସୀର ମୁଖ୍ୟ ଡେଭିଡ୍ ବାର୍ନିଆ ଗତ ବୁଧବାର ଦିନ କାତାର ରାଜଧାନୀ ଗସ୍ତ କରିବା ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି ।

## ପଞ୍ଜାବ ସଙ୍ଗୀତ ସମ୍ମେଳନ

ପଞ୍ଜାବର ଜଲନ୍ଧରସ୍ଥିତ ଶ୍ରୀ ଦେବୀ ତାଲାବ ମନ୍ଦିର ପରିସରରେ ଚଳିତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୪୯ତମ ଶ୍ରୀ ବାବା ହରିବଲ୍ଲଭ ସଙ୍ଗୀତ ସମ୍ମିଳନୀ ଅନୁଷ୍ଠିତ ହେବ। ଚଳିତ ବର୍ଷ ବିଶ୍ୱର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ଏହି ପ୍ରସିଦ୍ଧ ତଥା ପୁରାତନ ପର୍ବ ସ୍ୱର୍ଗତ ଉସ୍ତାଦ ଜାକିର ହୁସେନଙ୍କୁ ସମର୍ପଣ କରାଯିବ । ଉସ୍ତାଦ ଜାକିର ହୁସେନଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ମହାସଭାର ସଭାପତି ପୂର୍ଣ୍ଣିମା ବେରୀ କହିଛନ୍ତି, ସେ ହରିବଲ୍ଲଭ ପରିବାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲେ। ବିଶିଷ୍ଟ କଳାକାରଙ୍କୁ ନେଇ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ’ ଉସ୍ତାଦ ଜାକିର ହୁସେନଙ୍କ ସମ୍ମାନରେ ତବଲା ଗାନ ସହିତ ଆରମ୍ଭ ହେବ।

ଏହି ତିନିଦିନିଆ ସଙ୍ଗୀତ ସମ୍ମିଳନୀ ପୂର୍ବରୁ ଆସନ୍ତା ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ‘ହରିବଲ୍ଲଭ ସଙ୍ଗୀତ ପ୍ରତିଯୋଗିତା’ ଅନୁଷ୍ଠିତ ହେବ।

## କ୍ରିକେଟ୍

ବର୍ଡର ଗାଭାସ୍କର କ୍ରିକେଟ୍ ସିରିଜ୍‌ର ଗାବାଠାରେ ଚାଲିଥିବା ତୃତୀୟ ଟେଷ୍ଟମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୨୬୦ ରନ୍ ସଂଗ୍ରହ କରିଛି । ଗତକାଲିର ଅସମାପ୍ତ ସ୍କୋର ୯ ୱିକେଟ୍‌ରେ ୨୫୨ ରନ୍‌ରୁ ଭାରତ ଖେଳ ଆରମ୍ଭ କରିଥିଲା । ଆଜି ସମସ୍ତ ୱିକେଟ୍ ହରାଇ ୨୬୦ ରନ୍ ସଂଗ୍ରହ କରିଛି ।  ଆକାଶଦୀପ ୩୧ ରନ୍ କରି ଆଉଟ୍ ହୋଇଥିଲେ । ବୁମ୍‌ରା ୧୦ ରନ୍ କରି କ୍ରିଜ୍‌ରେ ଅପରାଜିତ ଥିଲେ । ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୧୮୫ ରନ୍ ପଛରେ ରହିଛି । ବର୍ଷା ଏବଂ ବିଜୁଳି ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଛି । ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ତା'ର ପ୍ରଥମ ଇନିଂସରେ ୪୪୫ ରନ୍ ସଂଗ୍ରହ କରିଥିଲା ।

## ୱିମେନ୍ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ତିନିଟିକିଆ ମହିଳା ଟି-୨୦ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଭାରତକୁ ୯ ୱିକେଟ୍‌ରେ ପରାସ୍ତ କରିଛି । ନଭୀ ମୁମ୍ବାଇର ଡି.ୱାଇ. ପାଟିଲ୍ ଷ୍ଟାଡିୟମ୍‌ଠାରେ ଗତକାଲି ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ଭାରତ ୯ ୱିକେଟ୍ ବିନିମୟରେ ୧୫୯ ରନ୍ ସଂଗ୍ରହ କରିଥିଲା । ୧୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ୍ ୧ ୱିକେଟ୍ ବିନିମୟରେ ୨୬ଟି ବଲ୍ ବାକିଥାଇ ହାସଲ କରିପାରିଥିଲା । ୱେଷ୍ଟଇଣ୍ଡିଜ୍ ଅଧିନାୟକ ହେଲେ ମାଥିଉଜ୍ ଅପରାଜିତ ୮୫ ରନ୍‌ର ପାଳି ଖେଳିଥିଲେ । ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ

କରାଯାଇଛି । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସିରିଜ୍‌ରେ ସମାନ ସ୍ତରରେ ରହିଛନ୍ତି । ତୃତୀୟ ଟି-୨୦ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ ।